ସମ୍ବାଦ
The Sambad
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
କଟକ | ସମ୍ବଲପୁର | ବିଶାଖାପାଟଣା | କଲକାତା | ରାଉରକେଲା | ଭୁବନେଶ୍ୱର | ବ୍ରହ୍ମପୁର | ବାଲେଶ୍ୱରରୁ ପ୍ରକାଶିତ
୨୯ ଜାନୁଆରୀ ୨୦୧୬
96 YEARS OF EXCELLENCE 1919-2015

## ଅନୁଗୋଳ-ସୁକିନ୍ଦା ରେଳପଥ ଅଗ୍ରଗତି

# ପ୍ରଧାନମନ୍ତ୍ରୀ କଲେ ସମୀକ୍ଷା

ଭୁବନେଶ୍ୱର ୨୮ ।୧ (ନି.ପ୍ର.)- ଅନୁଗୋଳ-ସୁକିନ୍ଦା ରେଳପଥ ନିର୍ମାଣର ସମୀକ୍ଷା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ବୁଧବାର ପ୍ରଧାନମନ୍ତ୍ରୀ 'ପ୍ରଗତି' ସମୀକ୍ଷା ଅବସରରେ ଏହି ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ରାଜ୍ୟ ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ରେଳବାଇ ବୋର୍ଡ଼ ଅଧ୍ୟକ୍ଷ ଓ ଅନୁଗୋଳ-ସୁକିନ୍ଦା ରେଲୱେ ଲିଃର ପରିଚାଳନା ନିର୍ଦ୍ଦେଶକ ଦିଲିପ କୁମାର ସାମନ୍ତରାୟଙ୍କ ସହ ଆଲୋଚନା କରିଛନ୍ତି । ଏହି ପ୍ରକଳ୍ପ ନିମନ୍ତେ କାର୍ଯ୍ୟ ଆରମ୍ଭ ହୋଇଛି ଏବଂ ଆଗାମୀ ୨ ବର୍ଷ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ ନିମନ୍ତେ ଲକ୍ଷ୍ୟ ରଖାଯାଇଛି ବୋଲି ରେଳବାଇ ବୋର୍ଡ଼ ଅଧ୍ୟକ୍ଷ ପ୍ରଧାନମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ । ସେହିପରି ମୁଖ୍ୟ ସଚିବ ଶ୍ରୀ ପାଢ଼ୀ ଏହି ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ, ଜଙ୍ଗଲ ଓ ପରିବେଶ ମଞ୍ଜୁରୀ ଆଦି ଆନ୍ତରିକତାର ସହ ରାଜ୍ୟ ସରକାର କରୁଛନ୍ତି ବୋଲି ପ୍ରକାଶ କରିଥିଲେ । ଅନୁଗୋଳ-ସୁକିନ୍ଦା ରେଲୱେ ଲିଃର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସାମନ୍ତରାୟ ରାଜ୍ୟର ଇସ୍ପାତ କ୍ଷେତ୍ର ଓ ଖଣି କ୍ଷେତ୍ରର ବିକାଶ ନିମନ୍ତେ ଏହି ପ୍ରକଳ୍ପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଥିବା ପ୍ରକାଶ କରିଛନ୍ତି ।